# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ସ୍ଥାପନ ଦାବି



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଇଣ୍ଡା,୨୨ା୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ସହ ବଇଣ୍ଡା ଫାଣ୍ଡିକୁ ଥାନା କରିବା ପାଇଁ ଶୁକ୍ରବାର ବଇଣ୍ଡା ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବଇଣ୍ଡା ମେଡିକାଲରେ ଆବଶ୍ୟକ ଯନ୍ତ୍ରପାତି କିମ୍ବା ପର୍ଯ୍ୟାପ୍ତ ଶଯ୍ୟା ନ ଥିବା ଯୋଗୁ ଏହି ଅଞ୍ଚଳର ରୋଗୀମାନେ ୪୫ କି.ମି ଦୂରରେ ଥିବା ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଫଳରେ ଗରିବ ଶ୍ରେଣୀର ଲୋକେ ଠିକ୍ ଭାବେ ସେବା ପାଇପାରୁନାହାନ୍ତି। ବଇଣ୍ଡା ମେଡିକାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବରୁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ସେହିପରି ବଇଣ୍ଡାଠାରେ ଥିବା ଫାଣ୍ଡିରେ ଆବଶ୍ୟକ ପୋଲିସ କର୍ମଚାରୀ ନ ଥିବାରୁ ଲୋକେ ଠିକ୍ ଭାବେ ସେବା ପାଇ ପାରୁନାହାନ୍ତି। ଫଳରେ ସେମାନେ ହଣ୍ଡପା ଥାନା ଉପରେ ନିର୍ଭର କରୁଛନ୍ତି। ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରିବା ସହ ଆବଶ୍ୟକ କର୍ମଚାରୀ ଯୋଗାଇ ଦେବା ପାଇଁ ପୂର୍ବରୁ ପୋଲିସ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଅଞ୍ଚଳବାସୀଙ୍କ ଦାବି ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଶିଶୁଙ୍କୁ କାମରେ ଲଗାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ,୨୨ା୬

ଅନୁଗୋଳ ଜିଲା କାର୍ଯ୍ୟାଳୟ ଠାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ଶିଶୁ ଏବଂ କିଶୋର ଶ୍ରମିକ ଆଇନ ୧୯୯୮ ଅଧୀନରେ ଏକ ସମନ୍ୱୟ ବୈଠକ ହୋଇଥିଲା। ଶିଶୁମାନଙ୍କୁ ଶ୍ରମିକ ଭାବରେ କାର୍ଯ୍ୟରେ ଲଗାଇଥିବା ମାଲିକମାନଙ୍କ ବିରୋଧରେ କିପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ଶିଶୁଙ୍କୁ ଉଦ୍ଧାର କରି ଉପଯୁକ୍ତ ଥଇଥାନର ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଯେଉଁ ମାଲିକମାନେ ପୁନର୍ବାର ଆଇନର ଉଲ୍ଲଂଘନ କରୁଥିବା ନଜରରେ ଆସିବ, ତାଙ୍କ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସିଲ୍ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶିକ୍ଷା ଅଧିକାରୀ ଆଇନକୁ କଡାକଡ଼ି ଭାବରେ ପାଳନ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକକୁ ଜିଲା ଶ୍ରମ ଅଧିକାରୀ ପ୍ରିୟମ୍ବଦା ସ୍ୱାଇଁ ପରିଚାଳନା କରିଥିଲେ।

# ୧୦୮ ଗରା ଜଳରେ ସ୍ନାନ କଲେ ବିଶ୍ୱନିୟନ୍ତା

ଅନୁଗୋଳ,୨୨ା୬

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିର ସ୍ନାନବେଦିରେ ଶନିବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ସ୍ନାନ ମଣ୍ଡପରେ ୧୦୮ ପିତଳ ଗରା ଜଳରେ ସ୍ନାନ କରିବା ପରେ ଦୁର୍ଲଭ ହାତୀବେଶରେ ଦର୍ଶନ ଦେଇଥିଲେ। ପ୍ରାୟ ଏକ ଘଣ୍ଟା ବିଳମ୍ବରେ ସ୍ନାନପୂର୍ଣ୍ଣିମା ନୀତିକାନ୍ତି ଆରମ୍ଭ ହୋଇଥିଲା।ମଙ୍ଗଳ ଆଳତି ପରେ ସକାଳ ୮ଟା ୧୫ରେ ପହଣ୍ଡି ଆରମ୍ଭ ହୋଇ ୯ଟାରେ ସାରିଥିଲା। ଧାଡି ପହଣ୍ଡିରେ ସୁଦର୍ଶନ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନବେଦୀକୁ ଆସିଥିଲେ। ପୂର୍ବାହ୍ନ ୧୦ଟାରେ ୧୦୮ ପିତଳ ଗରାରେ ଜଳ ଅଣାଯାଇ ସ୍ନାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିରିକ୍ତ ଜିଲାପାଳ ଓ ଆରକ୍ଷୀ ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରଙ୍କୁ ହାତୀ ବେଶରେ ସୁସଜ୍ଜିତ କରାଯାଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ଏହି ବେଶ ଦର୍ଶନ କରିଥିଲେ। ରାତି ୯ଟାରେ ଠାକୁରଙ୍କୁ ଗୋଟି ପହଣ୍ଡି କରି ଅଣସର ଘରକୁ ନିଆଯାଇଥିବା ପରିଚାଳନା କମିଟି ସମ୍ପାଦକ ହେମନ୍ତ ଦାସ କହିଛନ୍ତି।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଉଛି।

# ସ୍ନାନବେଦିରେ ଦିଅଁଙ୍କ ମହାସ୍ନାନ

ଛେଣ୍ଡିପଦା,୨୨ା୬(ଅଜିତ ଧଳ)

ଛେଣ୍ଡିପଦା ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା କାର୍ଯ୍ୟ ସମ୍ପନ୍ନ ପରେ ପହଣ୍ଡି କରାଯାଇ ସ୍ନାନବେଦୀକୁ ଅଣାଯାଇ ଠାକୁରଙ୍କ ମହାସ୍ନାନ କରାଯାଇଥିଲା। ପରେ ଠାକୁରଙ୍କ ହାତୀବେଶକୁ ଭକ୍ତମାନେ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରକୁ ବିଜେ କରାଯାଇଥିଲା। ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ଲମ୍ବୋଦର ପ୍ରଧାନ, ସମ୍ପାଦକ ରଞ୍ଜନ ବେହେରା, ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ଅଶୋକ ପ୍ରଧାନ, ସରପଞ୍ଚ ସୁଦୀପ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମନ୍ଦିର ପୂଜକ ଚିତ୍ତରଞ୍ଜନ ମିଶ୍ର, ପଣ୍ଡିତ ଉମେଶ ଦାସ ପ୍ରମୁଖ ଠାକୁରଙ୍କ ସ୍ନାନ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିଭଳି ବାଗଡିଆ ଠାରେ ଥିବା ଜଗନ୍ନାଥ ମନ୍ଦିର, ପାତ୍ରପଡ଼ା, ବାଲିପଙ୍ଗା, କୋରଡ଼ା, ଜରପଡା, ଡୁକୁଡା, କମ୍ପସଲା, ବ୍ରାହ୍ମଣବିଲ, କୋଶଳା ଆଦି ଗ୍ରାମରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।



# ପଞ୍ଚଶ୍ରୀକ୍ଷେତ୍ରରେ ସ୍ନାନ ଯାତ୍ରା ମହୋତ୍ସବ



ବଅଁରପାଳ,୨୨ା୬(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ରରେ ସ୍ନାନ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପହଣ୍ଡି ଓ ୧୦ଟାରେ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏହି ଉତ୍ସବରେ ସତ୍ୟବାନ ବରାହ ଓ କୁମୁଦିନୀ ବରାହ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଅଶୋକାନନ୍ଦ ଦାସ, ଅଚ୍ୟୁତାନନ୍ଦ ଦାସ, ପ୍ରାଣବନ୍ଧୁ ଦାସ, ପଣ୍ଡିତ ବିରଜା, ହରମୋହନ ପଣ୍ଡା, କିଶୋର ଚନ୍ଦ୍ର ମିଶ୍ର ନୀତିକାନ୍ତି ସମ୍ପାଦନ କରିଥିଲେ। ପରିଚାଳନା କମିଟିର ସମସ୍ତ ସଦସ୍ୟ, ଦଇତାପତି ଛବି ମୋହନ ସାହୁ, ମୁଖ୍ୟ ଉପଦେଷ୍ଟା ନରେଶ ଚନ୍ଦ୍ର ସାହୁ, ଉପସଭାପତି ପୀତାମ୍ବର ସାହୁ, ସହ ସମ୍ପାଦକ ପ୍ରଦୀପ କୁମାର ମାଝି, ଉପେନ୍ଦ୍ର ସାମଲ, ରବି ନାରାୟଣ ବେହେରା, ଶ୍ରୀମୁଖ ବେହେରା, ଅଖିଳ ମହାପାତ୍ର, ନିମାଇଁ ସାମଲ, ପ୍ରେମାନନ୍ଦ, ବିପ୍ରବର ଜେନା, ଗଗନ ମହାଳିକ, ସୁବାସ ପଟ୍ଟନାୟକ, ଉପେନ୍ଦ୍ର ସାହୁ, ଉପ ସଭାପତି ସୁଧୀର କୁମାର ବରାହ, ରବୀନ୍ଦ୍ର ସାହୁ, ଅକ୍ଷୟ କୁମାର ପଟ୍ଟନାୟକ, ଟିକାୟତ, ଅଭୟ ଦାସ, ଶୁଭେନ୍ଦୁ ବେଉରା ଓ ଅରବିନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗୋତମରାର ମହିଳା ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଗଜାନନ ବେଶ ଦେଖିବା ପାଇଁ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ନାଲକୋନଗରରେ ଦେବସ୍ନାନ ପୂର୍ଣ୍ଣିମା

ବଅଁରପାଳ,୨୨ା୬ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋନଗର ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀବିଗ୍ରହଙ୍କ ଦେବସ୍ନାନ ପର୍ବ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ ଘଟିକାରେ ସତ୍ୟବାଦୀ ମିଶ୍ର, ଲଲାଟେନ୍ଦୁ ମହାପାତ୍ର ଓ ଦେବେନ୍ଦ୍ର କୁମାର ନନ୍ଦ ପ୍ରମୁଖ ଠାକୁରଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଆଣିଥିଲେ। ପରେ ଠାକୁରମାନଙ୍କୁ ଦିବ୍ୟସ୍ନାନ କରାଇବା ସହ ଆକର୍ଷଣୀୟ ହାତୀ ବେଶ ବା ଗଜାନନ ବେଶ କରାଯାଇଥିଲା। ସେବାୟତ ମୁଖ୍ୟ ପୂଜକ ତାପସ ଦାଶ ଓ ପ୍ରମେଶ ଚନ୍ଦ୍ର ମିଶ୍ର, ସୁଶାନ୍ତ ଦାଶ, ମାନସ ରଥ, ଉମାକାନ୍ତ ପଣ୍ଡା, ସୌମ୍ୟ ରଞ୍ଜନ ପାଳ ପ୍ରମୁଖ ଦେବନୀତି ସମ୍ପାଦନ କରିଥିଲେ। ମନ୍ଦିର ସଭାପତି ଅମୀୟ କୁମାର ସ୍ୱାଇଁ ତଦାରଖ କରିଥିଲେ। ନାଲ୍କୋ ସିଏମ୍ଡି ଶ୍ରୀଧର ପାତ୍ର ଓ ସସ୍ମିତା ପାତ୍ର, ଇଡି ଏଚଆଣ୍ଡଏ ଭୁବନେଶ୍ୱର ଆଶୁତୋଷ ରଥ, ମାନବ ସମ୍ବଳ ମହାପ୍ରବନ୍ଧକ ଶୁଭେନ୍ଦୁ ନାୟକ ଉପସ୍ଥିତ ଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ମାରୁତି ମଣ୍ଡପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟିର ସମସ୍ତ ଦଇତାପତି, ସେବକ ସହଯୋଗ କରିଥିଲେ।



# ବିଭିନ୍ନ ସ୍ଥାନରେ ସ୍ନାନ ପୂର୍ଣ୍ଣିମା

ବଇଣ୍ଡା,୨୨ା୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବାମୁର, ଘୋଷାର, ବିଲେଇନାଳୀ, ଆଠମଲ୍ଲିକ ବ୍ଲକ ପେଡିପଥର, ଠାକୁରଗଡ଼ ଠାରେ ଥିବା ଜଗନ୍ନାଥ ମନ୍ଦିରରେ ଶନିବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ବିଶେଷକରି ପୂର୍ବରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରଭୁ ତିନି ଠାକୁରଙ୍କୁ ୧୦୮ ଗରା ପାଣିରେ ସ୍ନାନ କରାଯାଇ ରୀତିନୀତି ଅନୁସାରେ ପୂଜା କରାଯାଇଥିଲା। ପୂଜକ ସହଦେବ ତ୍ରିପାଠୀ, ଭବାନୀ ଶଙ୍କର ମିଶ୍ର, ପ୍ରବୀଣ ରଥ, ସୁଶାନ୍ତ ରଥ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଗ୍ରାମର ହୃଷୀକେଶ ପ୍ରଧାନ, ନୀଳାଦ୍ରି ସାହୁ, ପ୍ରତାପ ସାହୁ, ସୁଶାନ୍ତ ସାହୁ, ଅନୁପ ସାହୁ, ଅମିତ ସାହୁ ସହଯୋଗ କରିଥିଲେ।



# ସ୍ନାନ ବେଦିକୁ ଆସିଲେ ଶ୍ରୀଜୀଉ



ଆଠମଲ୍ଲିକ,୨୨ା୬(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୯ ଟାରେ ପହଣ୍ଡିଆମାନଙ୍କ ଦ୍ୱାରା ପହଣ୍ଡି କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ବେଦୀକୁ ଅଣାଯିବା ପରେ ପୁରୋହିତ ପ୍ରଫୁଲ୍ଲ ପାଣିଗ୍ରାହୀ ଓ ମନ୍ଦିର ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଇଥିଲେ। ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପହଣ୍ଡିଆ କମିଟି ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ସମ୍ପାଦକ ନବ କିଶୋର ତ୍ରିପାଠୀ, ବରିଷ୍ଠ ପହଣ୍ଡିଆ ଦୀପକ ମିଶ୍ର, ଅକ୍ଷୟ କୁମାର ମିଶ୍ରଙ୍କ ସମେତ ପହଣ୍ଡିଆମାନେ ସହଯୋଗ କରିଥିଲେ। ସେହିପରି ପ୍ରଶାସନ ତରଫରୁ ସହକାରୀ ଜିଲାପାଳ ବିଭୂତି ଭୂଷଣ ମଲ୍ଲିକ, ତନ୍ମୟ ପାତ୍ର, ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଷ୍ଟେନୋ ସୌମ୍ୟ ରଞ୍ଜନ ନାହକ, ଦେବୋତ୍ତର ସହାୟକ ନଗେନ ରାଉତ, କର୍ମଚାରୀ ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତୁଲାଇଥିଲେ।

# ମହାପ୍ରଭୁଙ୍କୁ ଦେଖି ଶ୍ରଦ୍ଧାଳୁ ବିମୋହିତ

ତାଳଚେର, ୨୨ା୬ (ମନୋଜ ନନ୍ଦ)

ତାଳଚେର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସକାଳୁ ପୂଜାର୍ଚ୍ଚନା ପରେ ମଙ୍ଗଳଆରତୀ, ମଇଲମ, ତଡପଲାଗି ଆଦି ନୀତି ସମ୍ପାଦନ କରାଯାଇଥିଲା। ରତ୍ନ ମଣ୍ଡପରୁ ସ୍ନାନବେଦୀକୁ ପହଣ୍ଡି ବିଜେ କରି ଠାକୁରଙ୍କୁ ଅଣାଯାଇଥିଲା। ସେଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏହି ଦୃଶ୍ୟ ଦେଖି ଶ୍ରଦ୍ଧାଳୁମାନେ ବିମୋହିତ ହୋଇପଡ଼ିଥିଲେ। ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ବୀରବର ହରିଚନ୍ଦନ ଛେରା ପହଁରା ନୀତି ସମ୍ପାଦନ କରିଥିଲେ। ରାଜକୁମାର ବିଜେନ୍ଦ୍ର ଚନ୍ଦ୍ର ଦେବ, ପାଟାୟତ ପୁଷ୍ପେନ୍ଦ୍ର ଚନ୍ଦ୍ର ଦେବ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିଥିଲେ। ସେହିପରି ଢେଙ୍କାନାଳର ପୂର୍ବତନ ଏମ୍ପି ମହେଶ ସାହୁ ଓ ତାଳଚେର ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଠାକୁରଙ୍କ ସ୍ନାନ ନୀତି ଦର୍ଶନ କରିବା ସହ ଗଜାନନ ବେଶ ଦେଖି କୃପା ଲାଭ କରିଥିଲେ।



# ବର୍ଷା ପାଇଁ ହୋମଯଜ୍ଞ କଲେ ଗ୍ରାମବାସୀ

ବଇଣ୍ଡା,୨୨ା୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଏଯାଏ ଭଲ ବର୍ଷାର ଦେଖାନାହିଁ। ତେଣୁ ଶନିବାର କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମର ଶିବମନ୍ଦିର ନିକଟରେ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବର୍ଷା ପାଇଁ ହୋମଯଜ୍ଞ କରାଯାଇଛି। ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଥମେ ପ୍ରଭୁ ଶିବ ଓ ପରେ ଦକ୍ଷିଣ କାଳୀଙ୍କୁ ପୂଜା କରିଥିଲେ। ଏହାପରେ ସୂର୍ଯ୍ୟ ପୂଜା କରି ହୋମଯଜ୍ଞ ଆରମ୍ଭ କରିଥିଲେ। ପୂଜକ ଦିଲୀପ ଆଚାର୍ଯ୍ୟ, ସର୍ବେଶ୍ୱର ମହାପାତ୍ର ଯୋଗଦେଇ ଇନ୍ଦ୍ର ଦେବତାଙ୍କୁ ପୂଜା କରିଥିଲେ। ଭାସ୍କର ପ୍ରଧାନ ଓ ସୁକାନ୍ତି ପ୍ରଧାନ କର୍ତ୍ତା ଭାବେ ଯୋଗ ଦେଇଥିଲେ। ହୋମଯଜ୍ଞ କରାଯିବା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ମନ୍ଦିର ପରିଚାଳନା କମିଟି ସଭାପତି କୁଞ୍ଜବିହାରୀ ଦେହୁରୀ, ସମ୍ପାଦକ ସୁଦାମ ଚରଣ ପ୍ରଧାନ, ଗୋକୁଳ ପ୍ରଧାନ, ଯାଦବ ସ୍ୱାଇଁ, ଭୀଷ୍ମ ଦେହୁରୀ, ଦ୍ୱିତୀକୃଷ୍ଣ ଦେହୁରୀ, କାଳୀମନ୍ଦିର ପୂଜକ, ରବୀନ୍ଦ୍ର ବେହେରା, ମନ୍ଦିରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ଜିନ୍ଦଲନଗର ଦେବଭୂମିରେ ସ୍ନାନନୀତି ସମ୍ପନ୍ନ

ଅନୁଗୋଳ,୨୨ା୬

ଅନୁଗୋଳ ଜିନ୍ଦଲ ନଗର ପରିସରସ୍ଥିତ ଦେବ ଭୂମି ଶ୍ରୀଜଗନ୍ନାଥ ମନ୍ଦିରଠାରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତି ଶନିବାର ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ନଗରରେ ବାସ କରୁଥିବା ଶ୍ରଦ୍ଧାଳୁଙ୍କ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ ପର୍ବରେ ଭାଗ ନେଇଥିଲେ। ମନ୍ଦିରର ଆଦ୍ୟ ସେବକ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ତାଙ୍କ ସ୍ତ୍ରୀ ଶାଲୁ ଜିନ୍ଦଲ ଯୋଗଦେଇ ରୀତିନୀତି ଅନୁଯାୟୀ ଶ୍ରୀଜୀଉଙ୍କ ଦେବସ୍ନାନ କରାଇଥିଲେ। ପୁରୀ ଶ୍ରୀମନ୍ଦିର ନୀତି ନିର୍ଘଣ୍ଟ ଅନୁସାରେ ପୂଜାକାର୍ଯ୍ୟ କରାଯିବା ପରେ ଶ୍ରୀଜୀଉଙ୍କୁ ପହଣ୍ଡିରେ ସ୍ନାନମଣ୍ଡପକୁ ନିଆଯାଇଥିଲା। ସେଠାରେ ମୁଖ୍ୟପୂଜକଙ୍କ ନିର୍ଦ୍ଦେଶନାରେ ପଞ୍ଚ ଉପଚାର ପୂଜା ନୀତିକାନ୍ତିର ସହ ପାଳିତ ହୋଇଥିଲା। ଏହି ସମାରୋହରେ ଯୋଗଦେଇ ନବୀନ ଜିନ୍ଦଲ କହିଥିଲେ, ଓଡ଼ିଶାର ଅନୁଗୋଳ ପ୍ଲାଣ୍ଟ ପରିସରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ସମାରୋହରେ ଯୋଗଦେଇ ଭାଗ୍ୟବାନ ମନେ କରୁଛି। ଏହିପରି ଉତ୍ସବ ଭାରତର ମହାନ୍ ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିଛି। ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ସୁଖୀ ରଖନ୍ତୁ ବୋଲି ସେ କହିଥିଲେ।



ଜିନ୍ଦଲନଗରରେ ଶ୍ରୀଜୀଉଙ୍କ ହାତୀ ବେଶ ବେଳେ ସମ୍ମୁଖରେ ବସିଛନ୍ତି ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ତାଙ୍କ ସ୍ତ୍ରୀ ଶାଲୁ ଜିନ୍ଦଲ।

**ମଦ ଜବତ, ୪ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ): ଅନୁଗୋଳ ଜିଲା ଠାକୁରଗଡ଼ ପୋଲିସ ଟାପଢୋଲ ଅଞ୍ଚଳରୁ ୯ ବୋତଲ ବିଦେଶୀ ମଦ ଜବତ କରିବା ସହ ମୁକେଶ ପ୍ରଧାନଙ୍କୁ ଗିରଫ କରିଛି। ସେହିପରି ଅନୁଗୋଳ ଅବକାରୀ ବିଭାଗ ବଗଡିଆ ଥାନା ଅଞ୍ଚଳରେ ଚଢ଼ାଉ କରି ୫୨ ଲିଟର ଦେଶୀ ମଦ ଜବତ କରିବା ସହ ନବ ବେହେରା, ପିପଳବାହାଲ ଗ୍ରାମର ଭଗବତୀ ପ୍ରଧାନ ଏବଂ ବାରମଞ୍ଚା ଗ୍ରାମର ଚମ୍ପା ବେହେରାଙ୍କୁ ଗିରଫ କରିଛି।

# ସୁନାବେଶ ଦର୍ଶନ ପାଇଁ ପ୍ରବଳ ଭିଡ଼




ଢେଙ୍କାନାଳ ବଳରାମ ମନ୍ଦିର ପରିସରରେ ସ୍ନାନ ବେଦୀରେ ଶ୍ରୀଜୀଉମାନେ।

**ଢେଙ୍କାନାଳ,୨୨।୬(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳରାମଙ୍କ ମନ୍ଦିର ପରିସରରେ ଦେବସ୍ନାନ ପୂର୍ଣ୍ଣିମା ଶନିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ଥିବା ସ୍ନାନ ବେଦିରେ ମହାପ୍ରଭୁ ଶ୍ରୀବଳରାମ, ସୁଭଦ୍ରା, ଶ୍ରୀକୃଷ୍ଣ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନଲାଗି ସହ ସୁନା ଅଳଙ୍କାର ବେଶ କରାଯାଇଥିଲା। ଏହାକୁ ଦର୍ଶନ କରିବା ପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଲାଗିଥିଲା।

**ବଳରାମ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା**

ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ମନ୍ଦିରରେ ଭୋର ୪ଟାରୁ ଶ୍ରୀଜୀଉମାନଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ୬ଟା ୧୫ ମିନିଟରେ ମହାପ୍ରଭୁ ଶ୍ରୀବଳରାମ, ସୁଭଦ୍ରା ଓ ଶ୍ରୀକୃଷ୍ଣଙ୍କୁ ସ୍ନାନ ବେଦିକୁ ବିଜେ କରାଯାଇଥିଲା। ସକାଳ ୭ଟା ୨୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନ ବେଦିକୁ ବିଜେ କରିଥିଲେ। ସ୍ନାନ ବେଦିରେ ପ୍ରଥମେ ଚନ୍ଦନଲାଗି ବେଶ ହେବା ପରେ ଶ୍ରୀଜୀଉମାନଙ୍କର ସୁନା ଅଳଙ୍କାର ବେଶ ହୋଇଥିଲା। ଘଣ୍ଟ, ଶଙ୍ଖ ନାଦ ଓ ସଂକୀର୍ତ୍ତନ ମଧ୍ୟରେ ମନ୍ଦିର ପରିସର କମ୍ପି ଉଠିଥିଲା। ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ତିନିଧୂପ ଏକାଠି ସରିଥିଲା ବୋଲି ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସୂତ୍ରରୁ ଜଣାପଡିଛି। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ରାତି ପ୍ରାୟ ୧୦ଟାରେ ପ୍ରଭୁ ଅଣସର ଘରକୁ ବିଜେ କରିଥିଲେ।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ପରଜଙ୍ଗ,୨୨।୬(ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ଥାନା ଗଣ୍ଡତଇଳା ଗ୍ରାମର କେସନ ଖଟୁଆ (୩୨)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି, ଶୁକ୍ରବାର ଅପରାହ୍ନରେ ହୋଇଥିବା ବଜ୍ରପାତରେ କେସନ ଗୁରୁତର ହୋଇଥିଲେ। ଘଡଘଡି ବର୍ଷା ଯୋଗୁ ସ୍ତ୍ରୀ ସାବିତ୍ରୀ କେସନଙ୍କୁ ମେଡିକାଲ ଆଣିବା ସମ୍ଭବ ହୋଇ ନ ଥିଲା। ଶନିବାର ଭୋର ସମୟରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସାବିତ୍ରୀ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ମଠକରଗୋଳା କଲେଜରେ ଯୋଗ ଦିବସ

**କାମାକ୍ଷାନଗର,୨୨।୬(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ ମଠକରଗୋଳା କଲେଜରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାସେବୀ ଗଣ, ଛାତ୍ରୀଛାତ୍ର ତଥା ଅନ୍ୟାନ୍ୟ ଅଧ୍ୟାପିକାଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀମାନେ ଯୋଗଦେଇ ବିଭିନ୍ନ ଯୋଗାଭ୍ୟାସ କରିଥିଲେ। ଏହାପରେ ଅଧ୍ୟାପକ ପ୍ରଦୀପ୍ତ ସାହୁଙ୍କ ଦାରା ଶାନ୍ତିପାଠ କାର୍ଯ୍ୟ ସମାପନ ହୋଇଥିଲା ଏବଂ ଅଧ୍ୟାପକ ସୋମନାଥ ପଣ୍ଡା ଯୋଗ ଦିବସର ଶପଥପାଠ କରାଇଥିଲେ। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ଯୋଗଦେଇ ଯୋଗ ଦିବସର ବିଷୟବସ୍ତୁ 'ନିଜପାଇଁ ଓ ସମାଜ ପାଇଁ ଯୋଗ' ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନବକିଶୋର ସି ଏବଂ ଅଧ୍ୟାପିକା ଶ୍ରିଲେଖା ରାୟ ଯୋଗ ପ୍ରଶିକ୍ଷଣ କାର୍ଯ୍ୟ ସମାପନ କରିଥିଲେ। ପ୍ରଦୀପ୍ତ ସାହୁ, ସୋମନାଥ ପଣ୍ଡା, ଲଳିତ ବେହେରା, ଅର୍ଚ୍ଚିତା ମହାମନସିଂ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ଅଜୟ ଦାସ ଧନ୍ୟବାଦ ଦେଇଥିଲେ।




ମଠକରଗୋଳା କଲେଜରେ ବିଶ୍ୱ ଯୋଗ ଦିବସ ଅବସରରେ ଯୋଗ ଶିକ୍ଷା ଦିଆଯାଉଛି।

# ଅଖରେ ଲାଗିଲା ଚକ

**ଢେଙ୍କାନାଳ,୨୨।୬(ରତନ ନାୟାର)**

ଢେଙ୍କାନାଳ ସହର ରଥଗଡ଼ାଠାରେ ଶୁକ୍ରବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଦୁଇ ରଥର ଅଖରେ ଚକ ସଂଯୋଗ କରାଯାଇଛି। ବଳରାମ ମନ୍ଦିରରେ ପୂଜାର୍ଚ୍ଚନା ପରେ ପୂଜକ, ସେବାୟତ ଓ ଦେବୋତ୍ତର ବିଭାଗ ଅଧିକାରୀମାନେ ରଥଗଡାଠାରେ ପହଞ୍ଚି ପୂଜାର୍ଚ୍ଚନା କରି ଦୁଇରଥ ଅଖରେ ଚକ ସଂଯୋଗ କରିଥିଲେ। ଆସନ୍ତା ଜୁଲାଇ ୭ ତାରିଖରେ ରଥଯାତ୍ରା ଥିବାରୁ ରଥ ନିର୍ମାଣ କାର୍ଯ୍ୟ ଜୋର୍ ଧରିଛି। କୌଣସି ପ୍ରକାର ଆମିଷ ଦ୍ରବ୍ୟ ଏବଂ ଖାଦ୍ୟ ଶଙ୍ଖୁଡି ନ ପଡିବା ପାଇଁ ରଥ ଖଳାକୁ ବ୍ୟାରିକେଟ୍ କରାଯାଇଛି। ଗୋଟିଏ ରଥର ଅଖ ନଷ୍ଟ ହୋଇଥିବାରୁ ଆଉ ଗୋଟିଏ ଅଖ ନିର୍ମାଣ ଆରମ୍ଭ ହୋଇଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ଦୁଇ ରଥ ନିର୍ମାଣ ସରିବ ବୋଲି ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି ।



ରଥଗଡାଠାରେ ଦୁଇରଥ ପାଇଁ ଚକ ଲାଗିଲା।

# ଖାଦ୍ୟ ଯୋଗାଣ ମନ୍ତ୍ରୀ ପାତ୍ରଙ୍କୁ ସ୍ୱାଗତ




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହିତ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ଅନ୍ୟମାନେ।

**ରାସୋଲ,୨୨।୬(ସରୋଜ ମିଶ୍ର)**

ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ରାସୋଲସ୍ଥିତ ଦାମାନି ପ୍ଲାଜାଠାରେ ଶନିବାର ଭାଜପା ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ଜିଲା ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁନୀଲ ଶର୍ମା, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଜିଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ନେଇ ଅତିଥିମାନେ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାଜପାର ସମସ୍ତ ମଣ୍ଡଳ, ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା, ବିବିଧକ୍ଷେତ୍ରର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାସୋଳ ମଣ୍ଡଳ ସଭାପତି ଧନ୍ୟବାଦ ଦେଇଥିଲେ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ

**କାମାକ୍ଷାନଗର,୨୨।୬(ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ସହର ଓ ଆଖପାଖରେ ଥିବା ଜଗନ୍ନାଥ ମନ୍ଦିର ଗୁଡିକରେ ଶନିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସହରର ଜଗନ୍ନାଥ ବଜାରଠାରେ ଥିବା ଜଗନ୍ନାଥ ମନ୍ଦିରଠାରେ ରୀତିନୀତି ଅନୁସାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା କାର୍ଯ୍ୟ ସମ୍ପନ୍ନ ପରେ ପହଣ୍ଡି କରାଯାଇ ସ୍ନାନବେଦୀକୁ ଅଣାଯାଇ ସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି। ଏହାପରେ ଗଜାନନ ବେଶ କରାଯାଇଥିଲା। ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଗଜପତି ସୁବ୍ରତ କୁମାର ତ୍ରିପାଠୀ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ପଣ୍ଡିତ ଶ୍ରୁତିପଦ ନନ୍ଦ, ହିମାଂଶୁ ଶେଖର ମହାପାତ୍ର, ସଞ୍ଜୟ ମିଶ୍ର, ଅଜିତ୍ ଦାଶ, ପ୍ରିୟବ୍ରତ ପଣ୍ଡା, ପ୍ରତ୍ୟୁଷ ମିଶ୍ର, ଗୁଡୁ ମିଶ୍ର, ଶ୍ୟାମସୁନ୍ଦର ସାହୁ, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ସେବା କାର୍ଯ୍ୟ କରିଥିଲେ। ସେହିପରି ସହରର ଆଲତୁମା ଗ୍ରାମରେ ଥିବା ଦଧିବାମନ ଜୀଉଙ୍କ ମନ୍ଦିର, ଜିରିଡାମାଳିସ୍ଥିତ ରଘୁନାଥ ଜୀଉ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଅନେକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



# ବିଭିନ୍ନ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

**ଓଡ଼ାପଡ଼ା,୨୨।୬(ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ଼ସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ମୁଖ୍ୟ ପୂଜକ ରାମବଳ ପଣ୍ଡା ଠାକୁରଙ୍କ ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଠାକୁରଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କୁ ସ୍ନାନ ପରେ ଠାକୁରମାନଙ୍କୁ ବିଭିନ୍ନ ବେଶରେ ସଜା ଯାଇଥିଲା ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରି ପ୍ରସାଦସେବନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟି ପରିଚାଳନା କରୁଥିବାବେଳେ ଭକ୍ତମାନେ ସହଯୋଗ କରିଥିଲେ।



# ସମାଜ ପାଇଁ ଯୋଗର ଆବଶ୍ୟକତା ରହିଛି



**ଢେଙ୍କାନାଳ,୨୨।୬(ରତନ ନାୟାର)**

ଢେଙ୍କାନାଳ ଦକ୍ଷିଣକାଳୀ ରୋଡସ୍ଥିତ ଢେଙ୍କା ନିଲୟଠାରେ ଶୁକ୍ରବାର ଭାରତମାତା ସେବା ଅନୁଷ୍ଠିତ ଓ ଶହୀଦ ବାଜି ରାଉତ ଶାଖା ଭାରତ ବିକାଶ ପକ୍ଷରୁ ଯୋଗ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଭାରତ ମାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କରାଯାଇଥିଲା। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା ସମ୍ପର୍କ ପ୍ରମୁଖ ନିରାକାର

**ଭାରତମାତା ସେବା ପକ୍ଷରୁ ଯୋଗ ଦିବସ**

ସାମନ୍ତରାୟ ଯୋଗଦେଇ ନିଜ ପାଇଁ ଓ ସମାଜ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଭାରତମାତା ସେବା ଅନୁଷ୍ଠାନ ସଭାପତି ବାବୁଚାନ୍ଦ ମହାଳିକ ଓ ଭାରତ ବିକାଶ ପରିଷଦ ଉପସଭାପତି ଉଷାରାଣୀ ଦାସ ମଞ୍ଚାସୀନ ଥିଲେ। ପରିଷଦ ସମ୍ପାଦକ ରାଜୀବ ମାହୁନ୍ତ ମଞ୍ଚ ପରିଚାଳନା କରିଥିଲେ। ସେବା ଅନୁଷ୍ଠାନ କୋଷାଧ୍ୟକ୍ଷ କଲାମ କାନୁନଗୋ ଧନ୍ୟବାଦ ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ଚିନ୍ତାମଣୀ ନାଥ, ମନସ୍ୱିନୀ ମିଶ୍ର ଓ ଆଇନଜୀବୀ ଅନୁସୟା ମିଶ୍ର ଯୋଗ ଶିକ୍ଷା ଦେଇଥିଲେ। ଥିଙ୍କର୍ସ ଫୋରମ, ସରସ୍ୱତୀ ଶିଶୁ ମନ୍ଦିର ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଭାରତ ମାତା ସେବା ଅନୁଷ୍ଠାନ ସମ୍ପାଦକ ଶକ୍ତି ପ୍ରସାଦ ନନ୍ଦ ପରିଚାଳନା କରିଥିଲେ।

# ଭୁବନରେ ସ୍ନାନପୂର୍ଣ୍ଣିମା ପାଳିତ

**ଭୁବନ,୨୨।୬(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଶ୍ରୀତୃତୀୟାଦେ ଜୀଉ ମନ୍ଦିରରେ ଶନିବାର ସ୍ନାନପୂର୍ଣ୍ଣିମା ପାଳିତ ହୋଇଯାଇଛି। ସକାଳ ୫ଟାରେ ମନ୍ଦିର ମୁଖ୍ୟଦ୍ୱାରା ଖୋଲାଯିବା ପରେ ମଙ୍ଗଳ ଆଳତୀ, ପ୍ରଭୁଙ୍କ ପହଣ୍ଡି, ୭ଟାରେ ସ୍ନାନମଣ୍ଡପରେ ପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ୮ଟାରେ ହାତୀ ବେଶ, ମଧ୍ୟାନ ୧୨ ଟାରେ ଖେଚୁଡ଼ି ଧୂପ ପରେ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଘଣ୍ଟ, ଘଣ୍ଟା ଓ ସଂକୀର୍ତ୍ତନରେ ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା। ଶାନ୍ତିଶୃଙ୍ଖଳା ଦର୍ଶନ ପାଇଁ ପୋଲିସ ଓ ପରିଚାଳନା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ପହଣ୍ଡିରେ ମୁଖ୍ୟ ପୂଜକ ତୁଷାରକାନ୍ତୀ ମିଶ୍ର, ଜ୍ଞାନ ରଞ୍ଜନ ମିଶ, ଅଶୋକ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର ଓ ସାଇ ସୁନ୍ଦର ମିଶ୍ର କାର୍ଯ୍ୟ ତୁଲାଇ ଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।



# ନବ ନିର୍ବାଚିତ ମନ୍ତ୍ରୀ, ବିଧାୟକଙ୍କୁ ସମ୍ବର୍ଦ୍ଧନା




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହିତ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ଅନ୍ୟମାନେ।

**କାମାକ୍ଷାନଗର,୨୨।୬(ସୁଧୀର କୁମାର ପରିଡା)**

କାମାକ୍ଷାନଗର ଠାରେ ଶୁକ୍ରବାର ବିଭିନ୍ନ ସଂଗଠନ ତରଫରୁ ନବ ନିର୍ବାଚିତ ବିଧାୟକ ଓ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମେ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କୁ ଶିକ୍ଷକ ସଂଘ ପକ୍ଷରୁ ବରିଷ୍ଠ ଶିକ୍ଷକ ଶ୍ରୀରାମ ରାଉତ, ପୂର୍ବତନ ନଗରପାଳ ଗୋବିନ୍ଦ ସାହୁ ପ୍ରମୁଖ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ କଳ୍ପନା କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ତଥା କ୍ଲବ ସଭାପତି ନାରାୟଣ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସ୍ମୃତିପଦ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ଢେଙ୍କାନାଳ ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉପସ୍ଥିତ ରହି କାମାକ୍ଷାନଗରର ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏମ୍‌ପି ରୁଦ୍ରନାରାୟଣ ପାଣି ଉପସ୍ଥିତ ରହି କାମାକ୍ଷାନଗର ସ୍ୱାର୍ଥ ପାଇଁ ଦିଲ୍ଲୀ ଦରବାରରେ ଦାବି ରହିବ ବୋଲି କହିଥିଲେ। କାମାକ୍ଷାନଗର ବିଧାୟକ ଓ ପରଜଙ୍ଗ ବିଧାୟକ ଉପସ୍ଥିତ ରହି ସମସ୍ତେ ମିଳିମିଶି କାମ କଲେ ଉନ୍ନତି ନିଶ୍ଚିତ ହେବ ବୋଲି କହିଥିଲେ। କ୍ଲବ ଉପସଭାପତି ଅଯୋଧ୍ୟା ପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ। ଭାଜପା ଜିଲା ସଭାପତି ନରେଶ ମହାପାତ୍ର, ଉପସଭାପତି ନବକିଶୋର ଗୁରୁ, ପ୍ରେମାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଯୋଗ ଦିବସ ପାଳିତ

**ଓଡ଼ାପଡ଼ା,୨୨।୬ (ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ଗଉଡ଼କାଟେଣୀ ସତ୍ୟମ ଶିବମ ସୁନ୍ଦରମ ମହାବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ତାରାପ୍ରସନ୍ନ ଶତପଥୀ, ଓପିଇଟି ସୁଦିପ୍ତ ସେନ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଯୁକ୍ତ ୩ ବିଭାଗ ଅଧ୍ୟକ୍ଷ ରଶ୍ମିତା ମିଶ୍ର, ଡ. ନରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧଳପୁରର ଆଚାର୍ଯ୍ୟା ନର୍ମଦା ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ଯୋଗାଭ୍ୟାସ କରାଇଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ମା' ବିମଳାଙ୍କ ମନ୍ଦିର ପ୍ରତିଷ୍ଠା



ମହାପଦା ଗ୍ରାମରେ ବିମଳା ମନ୍ଦିର ପ୍ରତିଷ୍ଠା ଉତ୍ସବ।

**ଢେଙ୍କାନାଳ,୨୨।୬(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହାପଦା ଗ୍ରାମରେ ମା' ବିମଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଓ ତାଳଚେର ଅଞ୍ଚଳର ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ପବିତ୍ର ମୋହନ ନାଥଙ୍କ ସମେତ ୧୦ଜଣ ପଣ୍ଡିତ ଯୋଗଦେଇ କାର୍ଯ୍ୟ ସମାପନ କରିଥିଲେ। ଏହି ଅବସରରେ ବ୍ରାହ୍ମଣୀ ନଦୀରୁ ୧୦୮ କଳସରେ ପାଣି ଅଣାଯାଇ ଘଟସ୍ଥାପନ ସହିତ ଅଙ୍କୁରାରୋପଣ, ଗର୍ଭଧାନ ପୂଜା କରାଯାଇଥିଲା। ୧୯ ତାରିଖରେ ମନ୍ଦିର ପ୍ରତିଷ୍ଠା, ଜୀବନ୍ୟାସ ଓ ରୁଦ୍ର ଓ ଚଣ୍ଡିପୂଜା ହୋଇଥିଲା। ୨୦ ତାରିଖରେ ମହତିଭୋଗ, ଗୀତାଯଜ୍ଞ ଓ ଦେବୀ ସିଂହାସନ ବିଜେ ଓ ଚଉଅନ୍ନ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭବାନୀ ଶଙ୍କର ନାଥ ଓ ଆଲୋକ ପତିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ କର୍ତ୍ତା ଭାବେ ଅକ୍ଷୟ କୁମାର ନାଥ ଓ ପଙ୍କଜିନୀ କରଙ୍କ ସମେତ ମୀନକେତନ ନାଥ, ପ୍ରଶାନ୍ତ କୁମାର ନାଥ, ଶଙ୍କର୍ଷଣ ନାଥ, ସତ୍ୟାନନ୍ଦ ନାଥ, ନିଗମାନନ୍ଦ ନାଥ, ସୁଶାନ୍ତ ନଥ, ଗୋପାଳଚନ୍ଦ୍ର ଦାସ, ସରୋଜ କୁମାର ନାଥ, ଗୋବିନ୍ଦଚନ୍ଦ୍ର ନାଥ, ତୁଷାର ନାଥ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଜ୍ୟୋତିର୍ମୟୀ ନାଥ ମା' ବିମଳାଙ୍କ ଉପରେ କବିତା ପାଠ ଓ ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଦୁର୍ଗାମାଧବଙ୍କୁ ଗ୍ରାମ ପରିକ୍ରମା କରାଇ କଳସ ବିସର୍ଜନ କରାଯାଇଥିଲା।

